# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**02 April - 2024**

**News Editor : *Tapan Kumar Maharana***

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ନିର୍ବାଚନ ଲଢ଼ିବା ପାଇଁ  ପ୍ରାର୍ଥୀ ତାଲିକା ଘୋଷଣା କଲେ ଭାରତୀୟ ଜନତା ପାର୍ଟି ଏବଂ କଂଗ୍ରେସ
- ରାଜ୍ୟର ଦୁଇ ଜଣ ବରିଷ୍ଠ ପ୍ରଶାସନିକ ଏବଂ ୬ ଜଣ ପୁଲିସ୍ ଅଧିକାରୀଙ୍କୁ ସ୍ଥାନାନ୍ତର କଲେ ଭାରତର ନିର୍ବାଚନ କମିଶନ
- ମାଲ୍ ପରିଚାଳନା କ୍ଷେତ୍ରରେ ପାରାଦ୍ୱୀପ ବନ୍ଦରକୁ ମିଳିଲା ଦେଶର ପ୍ରମୁଖ ବନ୍ଦର ମାନ୍ୟତା
- ଚଳିତ ଶିକ୍ଷାବର୍ଷ ପାଇଁ ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଆଜିଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ

ଏବଂ

- ଶିଶୁଙ୍କର ମାନସିକ ଏବଂ ସ୍ନାୟୁଗତ ସମସ୍ୟା ଅଟିଜିମ୍‌କୁ  ନେଇ ଆଜି ପାଳିତ ହେଉଛି ବିଶ୍ୱ ଅଟିଜିମ୍ ଦିବସ

## ବିଜେପି ପ୍ରାର୍ଥୀ ତାଲିକା

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ନିର୍ବାଚନ କମିଟି ଆଜି ଓଡ଼ିଶା ପାଇଁ ୧୧୨ ଜଣ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଦଳ ପକ୍ଷରୁ ଘୋଷଣା କରାଯାଇଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପୁରୀ ବିଧାନସଭା ଆସନରୁ ଜୟନ୍ତ କୁମାର ଷଡଙ୍ଗୀ, ଚିଲିକାରୁ ପୃଥ୍ୱୀରାଜ ହରିଚନ୍ଦନ, କେନ୍ଦୁଝରରୁ ମୋହନ ମାଝୀ, ସୁନ୍ଦରଗଡ଼ରୁ କୁସୁମ ଟେଟେ, ଗୋପାଳପୁରରୁ ବିଭୂତି ଭୂଷଣ ଜେନା, ଦିଗପହଣ୍ଡିରୁ ସିଦ୍ଧାନ୍ତ ମହାପାତ୍ର, ପାରଳାଖେମୁଣ୍ଡିରୁ କେ. ନାରାୟଣ ରାଓଙ୍କୁ ପ୍ରାର୍ଥୀ କରାଯାଇଛି। ସେହିଭଳି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଚାନ୍ଦବାଲି ଆସନରୁ ପ୍ରାର୍ଥୀ ହୋଇଥିବାବେଳେ ଦଳର ବରିଷ୍ଠ ନେତା କନକ ବର୍ଦ୍ଧନ ସିଂଦେଓଙ୍କୁ ପାଟଣାଗଡ଼ରୁ ପ୍ରାର୍ଥୀ କରାଯାଇଛି। ବରଗଡ଼ ସାଂସଦ ସୁରେଶ ପୂଜାରୀଙ୍କୁ ଦଳ ବ୍ରଜରାଜନଗର ଆସନରୁ ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ, ଯାଜପୁର ଜିଲ୍ଲା କୋରେଇରୁ ଆକାଶ ଦାସନାୟକ, ରାଜଗାଙ୍ଗପୁରରୁ ନରସିଂହ ମିଞ୍ଜ୍, କୁଚିଣ୍ଡାରୁ ରବି ନାରାୟଣ ନାୟକ, ବାରିପଦାରୁ ପ୍ରକାଶ ସୋରେନ୍, ବାଲେଶ୍ୱରରୁ ମାନସ ଦତ୍ତ ଏବଂ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ପୁଣିଥରେ ଧାମନଗର ବିଧାନସଭା ଆସନରୁ ଦଳ ପ୍ରାର୍ଥୀ କରିଛି।

ଭୁବନେଶ୍ୱର ଜୟଦେବ ଆସନରୁ ଅରବିନ୍ଦ ଢାଲି, ଏକାମ୍ରରୁ ବାବୁ ସିଂ ଏବଂ ପ୍ରିୟଦର୍ଶୀ ମିଶ୍ରଙ୍କୁ ଭୁବନେଶ୍ୱର ଉତ୍ତର ଆସନରୁ ବିଜେପି ପ୍ରାର୍ଥୀ କରିଥିବାବେଳେ ଭୁବନେଶ୍ୱର ମଧ୍ୟ ଆସନରୁ ଜଗନ୍ନାଥ ପ୍ରଧାନ ପ୍ରାର୍ଥୀ

ହୋଇଛନ୍ତି। ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିପକ୍ଷରେ ହିଞ୍ଜିଳି ଆସନରୁ ଶିଶିର ମିଶ୍ରଙ୍କୁ ଦଳ ପ୍ରାର୍ଥୀ କରିଛି। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣାରୁ ଅମର ନାୟକ, ତାଳଚେରରୁ କାଳନ୍ଦୀ ସାମଲ, ଲୋଇସିଂହାରୁ ମୁକେଶ ମହାଲିଙ୍ଗ, ବଲାଙ୍ଗିରରୁ ଗୋପାଳଜୀ ପାଣିଗ୍ରାହୀ, ଉମରକୋଟରୁ ନିତ୍ୟାନନ୍ଦ ଗଣ୍ଡ, ବୌଦ୍ଧରୁ ସରୋଜ ପ୍ରଧାନ, ଚୌଦ୍ୱାର-କଟକରୁ ନୟନ କିଶୋର ମହାନ୍ତି, କଟକ ସଦରରୁ ପ୍ରକାଶ ଚନ୍ଦ୍ର ସେଠୀ, ପାଟକୁରାରୁ ତେଜେଶ୍ୱର ପରିଡା, ତିର୍ତ୍ତୋଲରୁ ରାଜକିଶୋର ବେହେରା, ନୟାଗଡ଼ରୁ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଏବଂ ମାଲକାନଗିରି ଆସନରୁ ନରସିଂହ ମାଡକାମୀ ପ୍ରାର୍ଥୀ ହୋଇଛନ୍ତି।

## କଂଗ୍ରେସ୍ ପ୍ରାର୍ଥୀ ତାଲିକା

ଆସନ୍ତା ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ରାଜ୍ୟର ୮ ଲୋକସଭା ଓ ୪୯ ବିଧାନସଭା ଆସନ ପାଇଁ ତାର ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିଛି। କୋରାପୁଟ ଲୋକସଭା ଆସନ ପାଇଁ ସପ୍ତଗିରି ଉଲ୍ଲାକାଙ୍କ ନାମ ଘୋଷଣା କରାଯାଇଥିବାବେଳେ ସୁନ୍ଦରଗଡ଼ରୁ ଜନାର୍ଦ୍ଦନ ଦେହୁରି, ବରଗଡ଼ରୁ ସଞ୍ଜୟ ଭୋଇ, ବଲାଙ୍ଗିରରୁ ମନୋଜ ମିଶ୍ର ଏବଂ ବ୍ରହ୍ମପୁର ଲୋକସଭା ଆସନରୁ ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ନାମ ଘୋଷଣା କରାଯାଇଛି। ନୂଆପଡା ବିଧାନସଭା ଆସନରୁ ପିସିସି ସଭାପତି ଶରତ ପଟ୍ଟନାୟକ, ତଲସରାରୁ ପ୍ରବୋଧ ତିର୍କି, ରାଜଗାଙ୍ଗପୁରରୁ ରାଜନ ଏକ୍କା, ବଲାଙ୍ଗିରରୁ ସମରେନ୍ଦ୍ର ମିଶ୍ର, କଣ୍ଟାବାଞ୍ଜିରୁ ସନ୍ତୋଷ ସିଂ ସାଲୁଜା, ଭବାନୀପାଟଣାରୁ ସାଗର ଦାସ, ନର୍ଲାରୁ ଭକ୍ତ ଚରଣ ଦାସ, ଜୟପୁରରୁ ତାରାପ୍ରସାଦ ବାହିନୀପତିଙ୍କ ନାମ ଦଳ ଘୋଷଣା କରିଛି। ସେହିପରି ପାରଳାଖେମୁଣ୍ଡି ବିଧାନସଭା ଆସନରୁ ବିଜୟ

ପଟ୍ଟନାୟକ ଏବଂ ମୋହନାରୁ ଦାଶରଥୀ ଗମାଙ୍ଗ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀ ହେବେ ।

## ଆଇଏଏସ୍ ବଦଳି

ଭାରତର ନିର୍ବାଚନ କମିଶନ ଓଡ଼ିଶାର ୨ ଜଣ ଆଇଏଏସ୍ ଅଧିକାରୀ ଏବଂ ୬ ଜଣ ଆଇପିଏସ୍ ଅଧିକାରୀଙ୍କୁ ସେମାନେ କାର୍ଯ୍ୟ କରୁଥିବା ସ୍ଥାନରୁ ତୁରନ୍ତ ବଦଳି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ତାଲିକାରେ ୨ ଜଣ ଜିଲ୍ଲାପାଳ, ୫ ଜଣ ଏସ୍‌ପି ଏବଂ ଜଣେ ଆଇଜି ପାହ୍ୟାର ଅଧିକାରୀ ରହିଥିବା ସୂଚନା ମିଳିଛି । କଟକ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଜଗତ୍‌ସିଂହପୁର ଜିଲ୍ଲାପାଳ ପାରୁଲ ପଟୱାରୀ, ଅନୁଗୁଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ୍ ଏମ୍, ଖୋର୍ଦ୍ଧା ଏସ୍‌ପି ଯୁଗଳ କିଶୋର ବନୋଥ, ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର, କଟକ ଡିସିପି କନୱର ବିଶାଲ୍ ସିଂ ଏବଂ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂଙ୍କୁ ସେମାନଙ୍କୁ ଦାୟିତ୍ୱରୁ ମୁକ୍ତ କରି ନିର୍ବାଚନ କାର୍ଯ୍ୟ ନ ଥିବା ସ୍ଥାନରେ ଅବସ୍ଥାପିତ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

## ଇସିଆଇ-ସ୍ପେସାଲ ଅବଜରଭର୍ସ

ଭାରତର ନିର୍ବାଚନ କମିଶନ ଆଜି ଓଡ଼ିଶା ସମେତ ୬ଟି ରାଜ୍ୟ ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି । ଏହି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନେ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶରେ ନିରାପତ୍ତାରକ୍ଷୀ ମୁତୟନ ଓ ଭୋଟିଂ ମେସିନ୍ ପହଞ୍ଚାଇବା

ଭଳି କାର୍ଯ୍ୟର ତଦାରଖ କରିବେ । ସେମାନେ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟଠାରେ ରହିବେ ଓ ଆବଶ୍ୟକସ୍ଥଳେ ଉତ୍ତେଜନାପ୍ରବଣ ଅଞ୍ଚଳଗୁଡ଼ିକୁ ଯାଇ ଆଞ୍ଚଳିକ ମୁଖ୍ୟ ଓ ନୋଡାଲ ଅଫିସରମାନଙ୍କଠାରୁ ତଥ୍ୟ ସଂଗ୍ରହ କରିବେ। ଏମାନେ ସୀମାନ୍ତ ଇଲାକା ଉପରେ ଅଧିକ ଧ୍ୟାନ ଦେବେ । ଏଥି ସହିତ ନିର୍ବାଚନ କମିଶନ ମଧ୍ୟ ଓଡ଼ିଶା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଏବଂ ଉତ୍ତରପ୍ରଦେଶରେ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଙ୍କୁ ମୁତୟନ କରିଛନ୍ତି ।

## ପ୍ରମୁଖ ବନ୍ଦର ମାନ୍ୟତା

୨୦୨୩-୨୪ ଆର୍ଥିକବର୍ଷରେ ମାଲ୍ ପରିଚାଳନା କ୍ଷେତ୍ରରେ ରାଜ୍ୟର ପାରାଦ୍ୱୀପ ବନ୍ଦର ପ୍ରମୁଖ ବନ୍ଦର ଭାବେ ମାନ୍ୟତା ଲାଭ କରିଛି। ୨୦୨୩-୨୪ ଆର୍ଥିକବର୍ଷରେ ୧୪୫ ଦଶମିକ ୩/୮ ମିଲିୟନ୍ ମେଟ୍ରିକ୍‌ଟନ୍ ମାଲ ପରିଚାଳନା କରି ପାରାଦ୍ୱୀପ ବନ୍ଦର ଏହି ମାନ୍ୟତା ହାସଲ କରିଛି। ୫୬ ବର୍ଷର ପରିଚାଳନା ଇତିହାସରେ ପ୍ରଥମ ଥର ପାଇଁ ଦୀନଦୟାଲ ବନ୍ଦର ଦ୍ୱାରା ସ୍ଥାପିତ ପୂର୍ବ ରେକର୍ଡକୁ ପାରାଦ୍ୱୀପ ବନ୍ଦର ଅତିକ୍ରମ କରିଛି।

## ସ୍କୁଲ ନାମଲେଖା

୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀମାନଙ୍କ ବୟସ ଅନୁସାରେ ସେମାନଙ୍କୁ ସଠିକ୍ ଶ୍ରେଣୀରେ ନାମ ଲେଖାଇବା ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଓସେପା ପକ୍ଷରୁ ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ଏହି ବାବଦରେ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ସମିଟିଭ୍ ଆସେସମେଣ୍ଟ-୨ ପରୀକ୍ଷାଫଳ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷମାନେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଆଜି ଅବଗତ

କରାଉଛନ୍ତି । ଶିକ୍ଷାବର୍ଷ ଆଜିଠାରୁ ଆରମ୍ଭ ହେବା ପରେ ପିଲାମାନଙ୍କୁ ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରାଯିବ ବୋଲି ଜିଲ୍ଲାସ୍ତରର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ଓସେପା ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଚିଠି ଲେଖିଛନ୍ତି ।

## ସକାଳୁଆ ସ୍କୁଲ୍

ଚଳିତ ଶିକ୍ଷାବର୍ଷ ୨୦୨୪-୨୫ ଆଜିଠାରୁ ଆରମ୍ଭ ହୋଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସକାଳୁଆ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟଗୁଡ଼ିକରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ହେବ ।  ସେହିପରି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଆଜି ସକାଳୁ ଆରମ୍ଭ ହୋଇଛି ।

## ଅଟିଜିମ୍ ଦିବସ

ଆଜି ବିଶ୍ୱ ଅଟିଜିମ୍ ଦିବସ । ଅଟିଜିମ ରୋଗ ମସ୍ତିଷ୍କର କାର୍ଯ୍ୟ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ମସ୍ତିଷ୍କର ବିକାଶ ସମ୍ବନ୍ଧୀୟ ରୋଗ ସାଧାରଣ ଭାବେ ଶୈଶବ ଅବସ୍ଥାରୁ ଆରମ୍ଭ ହୋଇଥାଏ । ଏହି ରୋଗର ଶିକାର ହୋଇଥିବା  ଶିଶୁ ଏବଂ  ବୟସ୍କ ଲୋକମାନେ ଦେଖିବା, ଶୁଣିବା ଏବଂ ଅନୁଭବ କରିବାର ଲକ୍ଷଣରେ ବିଚ୍ୟୁତି ଦେଖାଦେଇଥାଏ । ଅଟିଜିମ୍ ରୋଗରେ ଆକ୍ରାନ୍ତ ଶିଶୁଙ୍କ ଭାଷାର ପରିପ୍ରକାଶ ଏବଂ ଶ୍ରବଣ ଶକ୍ତି ବହୁ

ପରିମାଣରେ ହ୍ରାସ ଘଟିଥାଏ । ଅଟିଜିମ୍ ଏକ ସ୍ନାୟୁଗତ ସମସ୍ୟା ହୋଇଥିବାରୁ ଶୈଶବ ଅବସ୍ଥାରେ ଜଣେ ଶିଶୁର ମସ୍ତିଷ୍କ ସଠିକ୍ ଭାବରେ ବିକଶିତ ହୋଇ ନଥାଏ। ଜନ୍ମ ସମୟରେ ଏହି ରୋଗ ବାବଦରେ ଜଣାପଡି ନଥାଏ। ଧୀରେ ଧୀରେ ପିଲାଟିର ଶାରୀରିକ ଅଭିବୃଦ୍ଧି ଘଟିଲେ ଏହି ରୋଗର ଲକ୍ଷଣ ଦେଖାଦେଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁସାରେ, ପ୍ରତି ୧୦୦ ଜଣ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍ ରୋଗର ଶିକାର ହୋଇଥାନ୍ତି। ଅଟିଜିମ୍ ରୋଗର ଚିକିତ୍ସା କରାଇପାରିଲେ ଶିଶୁର ବ୍ୟବହାରରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଥାଏ ଏବଂ ଶିଶୁର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ।

## ଅଂଶୁଘାତ ସତର୍କତା

ରାଜ୍ୟରେ ଅଂଶୁଘାତ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ହସ୍‌ପିଟାଲରେ ଅଂଶୁଘାତ ପ୍ରଭାବିତ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ବେଡ୍ ରଖିବାକୁ ସମସ୍ତ ଜିଲ୍ଲାକୁ ନିର୍ଦ୍ଦେଶ ଦେଇଛି। ପ୍ରତି ଜିଲ୍ଲା ହସ୍‌ପିଟାଲ୍‌ରେ ୬ଟି ସିଏଚ୍‌ସିରେ ୨ଟି, ପିଏଚ୍‌ସିରେ ଗୋଟିଏ ଲେଖାଏ ବେଡ୍ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦେଇଛି। ଅଂଶୁଘାତ ମୁକାବିଲା ପାଇଁ ଆବଶ୍ୟକୀୟ ଔଷଧ ସହ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ୍ ରଖିବାକୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି। ଡାକ୍ତରଖାନାରେ ଯେପରି ୨୪ ଘଣ୍ଟିଆ ଡାକ୍ତର ଉପଲବ୍ଧ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି।

## ତାପମାତ୍ରା

ସମଗ୍ର ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆଗକୁ ମଧ୍ୟ ଏଭଳି ସ୍ଥିତି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଆଜି ଦିନ ୨ଟା ୩୦ ସୁଦ୍ଧା ରାଜ୍ୟର ୬ଟି ସହରର ତାପମାତ୍ରା ୩୮ ଡିଗ୍ରୀ ଉପରେ ରହିଥିବା ରେକର୍ଡ କରାଯାଇଥିଲା। କେନ୍ଦୁଝରରେ ସର୍ବାଧିକ ୩୯ ଦଶମିକ ୫ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ସମ୍ବଲପୁରରେ ୩୯ ଦଶମିକ ୪, ହୀରାକୁଦରେ ୩୯ ଦଶମିକ ୨, ଝାରସୁଗୁଡ଼ାରେ ୩୮ ଦଶମିକ ୮, ରାଉରକେଲାରେ ୩୮ ଦଶମିକ ୬ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୩୮ ଦଶମିକ ୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ତେବେ ବାରିପଦା ଓ ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୦ ଦଶମିକ ୪ ଡିଗ୍ରୀ ସେଲସିୟସ୍ ଥିବା ରେକର୍ଡ କରାଯାଇଛି।

ରାଜ୍ୟରେ ଆସନ୍ତା ୬ ତାରିଖ ସୁଦ୍ଧା ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ଏବଂ ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିବ ବୋଲି ଅନୁମାନ କରାଯାଇଛି ।

*******************************